

୧୮ ବର୍ଷ ● ୨ୟ ସଂଖ୍ୟା ● ଅଗଷ୍ଟ ୨୦୧୭

| | | |
|---|---|---|
| ରିପୋର୍ଟ | : | 'କାଦମ୍ବିନୀ' ଓ 'କୁନିକଥା'ର ସ୍ୱନକ୍ଷତ୍ର ଉତ୍ସବ |
| ପ୍ରଥମ ପ୍ରସଙ୍ଗ | : | ପରିପୂର୍ଣ୍ଣା |
| ପ୍ରଚ୍ଛଦ ପ୍ରସଙ୍ଗ | : | ବର୍ଷା ବେହାଗ |
| ବିଶେଷ ପ୍ରସଙ୍ଗ | : | ଜିଏସ୍‌ଟି, ଜ୍ଞାନର ଘର ପାଠାଗାର |
| କାଳଜୟୀ | : | କାହ୍ନୁଚରଣ ମହାନ୍ତି |
| ସାହିତ୍ୟ | : | ୨ଟି ଗଳ୍ପ, ୩ଟି କବିତା |
| ନିୟମିତ | : | ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ । |

## ପ୍ରଚ୍ଛଦରେ : ଜ୍ୟୋତ୍ସ୍ନାଲିପି ନନ୍ଦ (ରିୟା)

ନୂଆପିଢ଼ିର ଉପସ୍ଥାପିକାମାନଙ୍କ ମଧ୍ୟରେ ଜ୍ୟୋତ୍ସ୍ନାଲିପି ନନ୍ଦ (ରିୟା) ବେଶ୍ ପ୍ରତିଭାସମ୍ପନ୍ନ । 'ଚଏସ୍‌ର ଗୀତ', 'ଖାଣ୍ଟି ଓଡ଼ିଆ ଝିଅ', 'ପଲିଟିକାଲ୍ ସର୍କସ', 'ଇ ନ୍ୟୁଜ୍', 'କଥା ଆପଣଙ୍କ ପସନ୍ଦର' ଭଳି ଟିଭି କାର୍ଯ୍ୟକ୍ରମରେ ତାଙ୍କ ସ୍ୱକୀୟତା ବାରିହୋଇପଡ଼େ । ମଡେଲିଂରେ ନିଜ ଦକ୍ଷତା ପ୍ରତିପାଦିତ କରିସାରିଥିବା ଉଦୀୟମାନ ଉପସ୍ଥାପିକା ରିୟା ନୃତ୍ୟ, ଗୀତ, ଅଭିନୟ, ଲେଖାଲେଖି ତଥା ଫଟୋ ସୁଟ୍‌ରେ ବି ବିଶେଷ ରୁଚି ରଖନ୍ତି । ଚଳିତ ସଂଖ୍ୟା 'କାଦମ୍ବିନୀ' ପ୍ରଚ୍ଛଦରେ ତାଙ୍କର ଆଲୋକଚିତ୍ର ସ୍ଥାନିତ ହେବା ଅବସରରେ ତାଙ୍କର କିଛି ନିଜ କଥା, ତାଙ୍କ ନିଜ ମୁହଁରୁ । ଉପସ୍ଥାପନା: କେଦାର ପୃଷ୍ଟି

## ରିପୋର୍ଟ : 'କାଦମ୍ବିନୀ' ଓ 'କୁନିକଥା'ର ସ୍ୱନକ୍ଷତ୍ର ଉତ୍ସବ

୨ ଜୁଲାଇ ୨୦୧୭ରେ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି 'କାଦମ୍ବିନୀ' ଓ 'କୁନିକଥା'ର ସ୍ୱନକ୍ଷତ୍ର ଉତ୍ସବ । ଉକ୍ତ ଉତ୍ସବ ସଂପର୍କରେ ଏକ ରିପୋର୍ଟ ।

## ପ୍ରଥମ ପ୍ରସଙ୍ଗ: ପରିପୂର୍ଣ୍ଣା

### ଲେଖିକା : ଇତି ସାମନ୍ତ

ମାତାଙ୍କ ନିକଟରୁ ଶ୍ରବଣ କରିଛି ପ୍ରିୟ ପୁରୁଷଙ୍କ ସହିତ ପ୍ରଥମ ମିଳନକୁ ସ୍ମରଣୀୟ କରିବା ପ୍ରତ୍ୟେକ ନାରୀଙ୍କର ଇଚ୍ଛା । କିନ୍ତୁ ଈଶ୍ୱରଙ୍କ ଇଚ୍ଛାରୁ କାହା ଭାଗ୍ୟରେ ଏହା ଘଟେ ପୁନଶ୍ଚ କାହା ଭାଗ୍ୟରେ ଏହା ଘଟେନାହିଁ । "ସ୍ୱାମୀ ! ପ୍ରଥମ ଥର ନିମନ୍ତେ ଆପଣଙ୍କ ସହିତ ମିଳିତ ହୋଇ ରତିସୁଖ ପ୍ରଦାନ କରିବି ଆପଣଙ୍କୁ ! କିନ୍ତୁ ସ୍ୱାମୀ ! ଯେତେ ଚେଷ୍ଟା କଲେ ମଧ୍ୟ ବୁଝାଇ ପାରୁନି ମୁଁ ମନକୁ ମୋର । ନାହିଁ ମୋର କୌଣସି ଆକର୍ଷଣୀୟ ବସ୍ତ୍ର, ନାହିଁ ମଧ୍ୟ ମୋ ଶରୀରରେ ମୂଲ୍ୟବାନ ଅଳଙ୍କାର । ନାହିଁ ମୋର କୌଣସି ସାଜସଜ୍ଜା, ଚିରା ଫଟା ବସ୍ତ୍ର ସହିତ ଆଲୁଳାୟିତ କେଶ ମୋର । ଏଭଳି ରୂପ ବେଶ ନେଇ ଆପଣଙ୍କୁ ରତିସୁଖ ପ୍ରଦାନ କରିବାରେ ଅକ୍ଷମ ହେବି ମୁଁ ସ୍ୱାମୀ । ପ୍ରଥମଥର ନିମନ୍ତେ ଆପଣଙ୍କ ସହିତ ମିଳିତ ହେବା ପୂର୍ବରୁ ମୁଁ ନିଜକୁ ଅତ୍ୟନ୍ତ ଆକର୍ଷଣୀୟ ଭାବରେ ସଜ୍ଜିତ କରିବାକୁ ଚାହୁଁଛି । ଯେଉଁଥିପାଇଁ ଆବଶ୍ୟକ ସୁନ୍ଦର, ଆକର୍ଷଣୀୟ ଓ ମୂଲ୍ୟବାନ ବସ୍ତ୍ର, ଅଳଙ୍କାର ସହିତ ସାଜସଜାର ସମସ୍ତ ସାମଗ୍ରୀ ! ଆହୁରି ମଧ୍ୟ ପିତାଙ୍କ ରାଜମହଲରେ ମୁଁ ଯେଉଁଭଳି ଶଯ୍ୟାରେ ଶୟନ କରୁଥିଲି ମୁଁ ଚାହୁଁଛି ଆମର ପ୍ରଥମ ମିଳନ ନିମନ୍ତେ ସେହିଭଳି ଶଯ୍ୟା ପ୍ରସ୍ତୁତ ହେବ । ଯାହା ଉପରେ ଶୟନ କରି ମୈଥୁନକ୍ରିୟାରେ ଲିପ୍ତ ହେବି ମୁଁ ଆପଣଙ୍କ ସହିତ । ପୁନଶ୍ଚ ଆମ ମିଳନର ଶଯ୍ୟା ଓ ଆମ ମିଳନର ପ୍ରକୋଷ୍ଠ ଅତ୍ୟନ୍ତ ସୁନ୍ଦର ଭାବରେ ସଜ୍ଜିତ ହେବା ଆବଶ୍ୟକ ।"

## ପ୍ରଚ୍ଛଦ ପ୍ରସଙ୍ଗ: ବର୍ଷା ବେହାଗ

ପାହାଡ଼ ଛାତିରେ ଥିବା କଳା ମୁଗୁନିପଥର ଦେହରେ ଜହ୍ନଆଲୁଅର ଦୃଶ୍ୟ, ଘାସଫୁଲ ଅଧରରେ ଶିଶିରର ସ୍ପର୍ଶ, ନଈପଠା କାଶତଣ୍ଡୀରେ ସବୁଜ ସ୍ନିଗ୍ଧତା - ଏସବୁଠାରୁ ବି ନିଆରା, ନିଟୋଳ ଭିଜାମାଟିର ବାସ୍ନା ଆଉ ବର୍ଷାର ଓଦାଓଦା ଛୁଆଁ । ଯେଉଁ ଛୁଆଁ ଆଣିଦିଏ ଶୀତଳତା । ଦିଏ ମାଦକତା । କଳାଘୁମର ମେଘର ପରଦା, ବିଜୁଳି ଝଲସା, ଘଡ଼ଘଡ଼ିର ଗର୍ଜନ, ବର୍ଷାର ଟୁପ୍‌ଟାପ୍ ଶବ୍ଦ ମନରେ, ପ୍ରାଣରେ, ହୃଦୟରେ ଭରିଦିଏ ଭିନ୍ନ ଏକ ଭାବନା । ଛମ୍‌ଛମ୍ ବର୍ଷାର ସ୍ୱର ସୃଷ୍ଟିକରେ ମଧୁର ମୂର୍ଚ୍ଛନା । ଶୈଶବ, କୈଶୋର, ଯୌବନ, ବାର୍ଦ୍ଧକ୍ୟ - ଜୀବନର ପ୍ରତି ଅବସ୍ଥାକୁ ଛନ୍ଦାୟିତ କରିଥାଏ ବର୍ଷା ନିଜ ଛନ୍ଦରେ । ବର୍ଷା ଧୋଇଦିଏ ପ୍ରଦୂଷଣ । ଭରିଦିଏ ସତେଜ ଅନୁଭବ । ବର୍ଷା ଫୁଙ୍କେ ସୃଜନର ବଂଶୀ । ଭିଜିଯାଏ ହୃଦୟ । ମଧୁର ଆବେଗରେ ପୂରିଯାଏ ମନ । ଅପୂର୍ବ ଶିହରଣ ଖେଳିଯାଏ ତନୁରେ, ମନରେ, ପ୍ରାଣରେ । ବର୍ଷା ଦିଏ ରଙ୍ଗମୟ ରୋମାଞ୍ଚ । ନୂତନ ପୁଲକ । ନେଇଆସେ ସୃଜନର ମାଙ୍ଗଳିକ ଶଙ୍ଖଧ୍ୱନି । ସୃଷ୍ଟିରେ ଖଞ୍ଜିଦିଏ ସବୁଜ ବନାନୀ । ଜୀବନକୁ କରିଦିଏ ପଲ୍ଲବିତ । ବର୍ଷା ପ୍ରେମର, ପ୍ରଣୟର, ପୁଣି ଆବେଗର । ତେଣୁ ତ କିଂବଦନ୍ତୀ, ସାହିତ୍ୟ, ସଙ୍ଗୀତ ତଥା ଜୀବନରେ ବର୍ଷା ନିଜର ଆସର ଜମାଇ ରହିଛି କାହିଁ କେଉଁ କାଳୁ । ସବୁ ବର୍ଷ ଭଳି ଏଥର ବି ମେଘମାଳାକୁ ସାଥିରେ ନେଇ ଆକାଶରୁ ମାଟିକୁ ଓହ୍ଲାଇଛି ବର୍ଷା । ରିମ୍‌ଝିମ୍ ଗୀତ ଗାଉଛି । ଆନମନା କରିଛି । ଭାବନା ଭରିଛି । ସଙ୍ଗତ ଦେଇଛି । ସମ୍ପର୍କ ଯୋଡ଼ିଛି । ସେଇ ସୁନ୍ଦର ସମ୍ପର୍କର ବଳିଷ୍ଠ ବାର୍ତ୍ତାବହ ବର୍ଷାର ବେହାଗକୁ ନେଇ 'କାଦମ୍ବିନୀ'ର ଓଦାଓଦା ଉପସ୍ଥାପନା । ଆଲେଖ୍ୟ: କେଦାର ପୃଷ୍ଟି

## ବିଶେଷ ପ୍ରସଙ୍ଗ: ଜିଏସ୍‌ଟି

### ଲେଖକ : ସହଦେବ ସାହୁ

୧୯୯୯ ମସିହା ନଭେମ୍ବର ମାସ ୧୬ ତାରିଖରେ ଏନ୍‌ଡିଏ ସରକାରଙ୍କ ସମୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ଯଶୱନ୍ତ ସିହ୍ନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀମାନଙ୍କର ଏକ ସମ୍ମିଳନୀ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ରାଜ୍ୟରାଜ୍ୟ ଭିତରେ ଥିବା ଟିକସ ହାରରେ ସମାନତା ଆଣିବା ଏବଂ ବିକ୍ରିକର ବଦଳରେ ମୂଲ୍ୟଯୁକ୍ତ କର ପ୍ରଚଳନ କରିବାକୁ ନିଷ୍ପତ୍ତି ନିଆଗଲା। ସେଥିପାଇଁ ସବୁ ରାଜ୍ୟର ଅର୍ଥମନ୍ତ୍ରୀଙ୍କୁ ନେଇ ଏକ ଏମ୍‌ପାୱାର୍ଡ କମିଟି ବା କ୍ଷମତାସଂପନ୍ନ କମିଟି ଗଠନ କରାଗଲା। କ୍ଷମତାସଂପନ୍ନ କମିଟି ରାଜ୍ୟରାଜ୍ୟ ଭିତରେ ସମନ୍ୱୟ ରକ୍ଷି ଆଲୋଚନା ମାଧ୍ୟମରେ ସବୁ ରାଜ୍ୟର ସହମତିରେ ମୂଲ୍ୟଯୁକ୍ତ କର ପ୍ରଚଳନ କରିବା ପାଇଁ ପଦକ୍ଷେପ ନେବ। ଏହି କ୍ଷମତାସଂପନ୍ନ କମିଟିର ଅଧ୍ୟକ୍ଷ ପଶ୍ଚିମବଙ୍ଗର ଅର୍ଥମନ୍ତ୍ରୀ ଡକ୍ଟର ଅସୀମ ଦାସଗୁପ୍ତା ରହିଲେ। ସେହି ସମୟରେ କେନ୍ଦ୍ରରେ ଏନ୍‌ଡିଏ ସରକାର ଥିଲାବେଳେ ପଶ୍ଚିମବଙ୍ଗରେ ସିପିଏମ୍ ଦଳର ଶାସନ ଥିଲା। ସେହିଦିନରୁ କ୍ଷମତାସଂପନ୍ନ କମିଟିର ଅଧ୍ୟକ୍ଷ କେନ୍ଦ୍ରରେ ଯେଉଁ ଦଳ ସରକାରରେ ଥିବ, ବିରୋଧୀ ଦଳ ଶାସିତ ଏକ ରାଜ୍ୟର ଅର୍ଥମନ୍ତ୍ରୀ କ୍ଷମତାସଂପନ୍ନ କମିଟିର ଅଧ୍ୟକ୍ଷ ରହିବା ପରମ୍ପରା ରହିଆସୁଛି।

## ବିଶେଷ ପ୍ରସଙ୍ଗ: ଜ୍ଞାନର ଘର ପାଠାଗାର

### ଲେଖିକା : ସୁଚରିତା ପ୍ରଧାନ

ପ୍ରଥମତଃ ପାଠାଗାର ସମାଜର ଶିକ୍ଷା ସକାଶେ ମୌଳିକ ଆବଶ୍ୟକତା ପୂରଣ କରିଥାଏ। ଏହି ଶିକ୍ଷା ଆନୁଷ୍ଠାନିକ ବା ଅଣଆନୁଷ୍ଠାନିକ ଶିକ୍ଷା ହୋଇପାରେ। ବ୍ୟକ୍ତି ନିଜର ଉନ୍ନତି ତଥା ସମାଜର ଉନ୍ନତି ପାଇଁ ଶିକ୍ଷିତ ହେବା ଜରୁରୀ ଆଉ ଏହି ଶିକ୍ଷାର ମାଧ୍ୟମ ହେଲା ବହି। ବହି ଏକ ସୁସ୍ଥ ସମାଜର ମୂଲ୍ୟବାନ ପୁଞ୍ଜି। ସବୁବେଳେ ସବୁ ବହି କିଣି ପଢ଼ିବା ସମସ୍ତଙ୍କ ପାଇଁ ସମ୍ଭବ ହୋଇ ନ ଥାଏ। ତେଣୁ ଅନୁସନ୍ଧିତ୍ସୁ ପାଠକର ତୃଷା ମେଣ୍ଟାଇବା ପାଇଁ ପାଠାଗାରର ଭୂମିକା ଅନସ୍ୱୀକାର୍ଯ୍ୟ। ଦ୍ୱିତୀୟରେ ଏହା ଅବସର ସମୟର ସଦୁପଯୋଗ କରିବା ତଥା ମନୋରଞ୍ଜନ ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ। ତୃତୀୟରେ ଏହା ଆମର ବୌଦ୍ଧିକ ଶିକ୍ଷା, କଳା, ସଂସ୍କୃତିକୁ ପ୍ରୋତ୍ସାହିତ କରିଥାଏ ତଥା ଏହାକୁ ପରବର୍ତ୍ତୀ ପିଢ଼ି ପାଇଁ ସୁରକ୍ଷିତ କରି ରଖିଥାଏ। ଏହିଠାରୁ ସବୁ ବିଷୟରେ ସୂଚନା ପ୍ରଦାନ କରାଯାଉଥିବାରୁ ଏହା ଗବେଷଣା କାର୍ଯ୍ୟ କରିବା ପାଇଁ ଉତ୍କୃଷ୍ଟ ସ୍ଥାନ।

## କାଳଜୟୀ : କାହ୍ନୁଚରଣ ମହାନ୍ତି

ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ନିରନ୍ତର ସୃଜନଶୀଳ ସାହିତ୍ୟ ସାଧନାରେ ବ୍ରତୀ ରହି କଥାସାହିତ୍ୟିକ କାହ୍ନୁଚରଣ ମହାନ୍ତି ଓଡ଼ିଆ ସାହିତ୍ୟଜଗତକୁ ଦେଇଯାଇଛନ୍ତି ତାଙ୍କର ବିପୁଳ ଅବଦାନ। ତାଙ୍କ ବହୁଚର୍ଚ୍ଚିତ ଉପନ୍ୟାସ 'ଅଭିନେତ୍ରୀ', 'କା' ଓ 'ତୁଣ୍ଡବାଇଦ' ଉପରେ ନିର୍ମିତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର। ଓଡ଼ିଆ କଥାସାହିତ୍ୟର ଏହି କାଳଜୟୀ ବାଦଶାହ 'କାହ୍ନୁଚରଣ'ଙ୍କର ରହିଛି ସାତଖଣ୍ଡ କ୍ଷୁଦ୍ରଗଳ୍ପ ସଙ୍କଳନ – 'ଚୋରା ଚାହାଣି', 'ମୁଁ ମନ୍ତ୍ର ଜାଣେ', 'ଅତି ଗୋପନୀୟ', 'ମମତାର ମାୟା', 'କ୍ଷଣିକା', 'ଅପା' ଓ 'ନାମଟି ତା'ର ଚମ୍ପା' ଶୀର୍ଷକରେ। ତାଙ୍କ ଉପନ୍ୟାସ ଜଗତ ସମୃଦ୍ଧ, ଲୋକପ୍ରିୟ ଓ ଚର୍ଚ୍ଚିତ ହୋଇଥିଲେ ମଧ୍ୟ ତାଙ୍କ କ୍ଷୁଦ୍ରଗଳ୍ପ ଉପରେ କ୍ୱଚିତ୍ ଆଲୋଚନା ପରିଦୃଷ୍ଟ ହୋଇଥାଏ। ଏହି କାଳଜୟୀ କଥାସାହିତ୍ୟର ସ୍ରଷ୍ଟା ଅଗଷ୍ଟ ମାସ ଏଗାର ତାରିଖ ୧୯୦୬ ମସିହାରେ ଜନ୍ମଗ୍ରହଣ କରି ଛଅ ତାରିଖ ଅପ୍ରେଲ ୧୯୯୪ ମସିହାରେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କ ସୃଜନର ସ୍ୱୀକୃତି ସ୍ୱରୂପ ସେ ଅଭୂତପୂର୍ବ ଲୋକପ୍ରିୟତା ଲାଭ କରିବା ସହିତ ବହୁ ସ୍ୱନାମଧନ୍ୟ ଅନୁଷ୍ଠାନ ତରଫରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଥିଲେ। 'କା' ଉପନ୍ୟାସ ସକାଶେ ୧୯୫୮ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ଓ ପରବର୍ତ୍ତୀ ସମୟରେ ତାଙ୍କ ସାଧନା ପାଇଁ ସେ ଜୀବନରଙ୍ଗ ପୁରସ୍କାର ଓ ନୀଳଶୈଳ ପୁରସ୍କାର ଲାଭ କରିଥିଲେ। ୧୯୯୪ ମସିହାରେ କେନ୍ଦ୍ର ସାହିତ୍ୟ ଅକାଦେମି ତରଫରୁ ତାଙ୍କୁ ଅକାଦେମିର ସର୍ବୋଚ୍ଚ ସମ୍ମାନ 'ମହତ୍ତର ସଦସ୍ୟ' ବା ଫେଲୋ ସମ୍ମାନ ପ୍ରଦାନ କରାଯାଇଥିଲା। 'କାଦମ୍ବିନୀ'ର ଚଳିତ ସଂଖ୍ୟାର 'କାଳଜୟୀ' ସ୍ତମ୍ଭରେ ଓଡ଼ିଆ କଥାସାହିତ୍ୟର ଏହି ପ୍ରଣମ୍ୟ ସ୍ରଷ୍ଟାଙ୍କୁ ଶ୍ରଦ୍ଧାସୁମନ ଜଣାଇ ଉପସ୍ଥାପନ କରୁଛୁ ଏକ ସଂଘର୍ଷପୂର୍ଣ୍ଣ ନାରୀ ଜୀବନର କାହାଣୀକୁ ନେଇ ରଚିତ ତାଙ୍କର 'ମୁଣ୍ଡି ସାହାଡ଼ା' ଶୀର୍ଷକ ଗଳ୍ପ ଏବଂ ତାହା ସହିତ ସୁପରିଚିତ କବି ଓ ଆଲୋଚକ ଡ. ଶତ୍ରୁଘ୍ନ ପାଣ୍ଡବଙ୍କର ଏକ ବିଶ୍ଳେଷଣାତ୍ମକ ଆଲୋଚନା। – ସମ୍ପାଦିକା

## କାହ୍ନୁଚରଣଙ୍କ କଥାଜଗତ

### ଲେଖକ : ଶତ୍ରୁଘ୍ନ ପାଣ୍ଡବ

ଫକୀରମୋହନୋତ୍ତର ଓଡ଼ିଆ କଥାଜଗତର ସବୁଠୁଁ ଜନପ୍ରିୟ ସ୍ରଷ୍ଟା କାହ୍ନୁଚରଣ ମହାନ୍ତି (୧୯୦୬-୧୯୯୪) ବିଂଶ ଶତାବ୍ଦୀର ଆଦ୍ୟ ଚଉଠରୁ ଅନ୍ତିମ ଚଉଠ ଯାଏ ସୃଜନଯାତ୍ରାରେ ପାଲଟିଛନ୍ତି ଏକ ମହାନ୍ କିଂବଦନ୍ତୀ। ଛ'ଦଶନ୍ଧିର ନିରବଚ୍ଛିନ୍ନ କଥାଯାତ୍ରାରେ ଅର୍ଦ୍ଧଶତକ ଊର୍ଦ୍ଧ୍ୱ ଉପନ୍ୟାସର ସ୍ରଷ୍ଟା ପୁରୁଷଙ୍କର ଯେ କଥା ସାହିତ୍ୟର ଅନ୍ୟ ଏକ ଦିଗନ୍ତ ଗଳ୍ପ ବା କ୍ଷୁଦ୍ରଗଳ୍ପକୁ ନେଇ ଏକ ମନ୍ମୟ ଜଗତ ଥିବ ଏହା ଯେତେ ସତ୍ୟ ହେଲେ ବି ସହଜରେ କେହି ବିଶ୍ୱାସକୁ ନେଇପାରନ୍ତି ନାହିଁ। ଏହାର କାରଣ ଗୋଟିଏ ପରେ ଗୋଟିଏ ଉପନ୍ୟାସର ଧାରାବାହିକ  ପ୍ରକାଶନ, ଉପନ୍ୟାସର ବିଷୟ-ବିବିଧତା ଓ ଉତ୍ତୁଙ୍ଗତା ତଥା ପାଠକପ୍ରିୟତା। କୌଣସି ସାରସ୍ୱତ ସାକ୍ଷାତକାର, ଆତ୍ମକଥନମୂଳକ ରଚନା (ଯଥା: 'ମୁଁ କାହିଁକି ଲେଖେ' ପ୍ରଭୃତି)ରେ କଥା ସାହିତ୍ୟର ଅନ୍ୟତମ ଶ୍ରୀମନ୍ତ ବିଭବ କ୍ଷୁଦ୍ରଗଳ୍ପର ସେ ଯେ ଏକ ମରମୀ ସ୍ରଷ୍ଟା ତାହା ଉଲ୍ଲେଖ କରିବାକୁ ଏତେ ବେଶୀ ଶ୍ରେୟ ବା ଶ୍ଳାଘ୍ୟ ମଣିନାହାଁନ୍ତି। ୧୯୧୬ ମସିହାରେ ରଚିତ ତାଙ୍କର ପ୍ରଥମ କବିତା ଥିଲା 'ଜୟଦ୍ରଥ ବଧ'। କବି ହେବାର ଦୁର୍ବାର ବାସନାରୁ ସୃଷ୍ଟ କାହ୍ନୁଚରଣଙ୍କ ସୃଜନ ସ୍ୱପ୍ନ।

## ମୁଣ୍ଡି ସାହାଡ଼ା
## ଲେଖକ : କାହ୍ନୁଚରଣ ମହାନ୍ତି

ରାଜନୀତି ସେ ବୁଝେ ନାହିଁ। ଇଛାପୁର କି ବିଜୟ ନଗର ଓଡ଼ିଶାରେ ମିଶିବା ଉଚିତ କି ନୁହେଁ, ବ୍ରହ୍ମପୁର କି କଟକ ଆନ୍ଧ୍ରଦେଶରେ ମିଶିବ କି ନାହିଁ ସେ କଥା କେବେ ବିଚାର କରି ନାହିଁ। ସେ ଜାଣେ, ସେ ଇଛାପୁରର ଝିଅ। ବିକ୍ରମପୁରର ବୋହୂ। ଇଛାପୁର ତା'ର ଜନ୍ମଭୂମି। ବିକ୍ରମପୁର ତା'ର କର୍ମଭୂମି। ପୂରା ପଚିଶଟି ବର୍ଷ କଟିଗଲା। ଘର ଆଗରେ ରାସ୍ତାକଡ଼ରେ ଯେଉଁ ମୁଣ୍ଡି ସାହାଡ଼ା ଗଛ, ସେଇ ତା'ର ସାକ୍ଷୀ। ବାହୁଦା ନଈର ବାଲି, ନଈ ସେପାରି ପାହାଡ଼ ଧାଡ଼ି, ଆଉ ଶେଷକୁ ତା'ର ଆଖି ଦୁଇଟା - ଏମାନେ ବି ତା'ର ସାକ୍ଷୀ।

## ଗଳ୍ପ: ହାତୀ କଥା
## ଲେଖକ : ଗଙ୍ଗାଧର ବିଶ୍ୱାଳ

ଏହାଛଡ଼ା ସ୍ୱାମୀ-ସ୍ତ୍ରୀ ଦୁହେଁ ଶିକ୍ଷିତ ହେବାପଛରେ ଯେଉଁ ରହସ୍ୟ ତାହା ମଧ୍ୟ ଆଶ୍ଚର୍ଯ୍ୟର ବିଷୟ। କାହିଁକିନା ଜଙ୍ଗଲତଳି ଘରେ ଥିଲାବେଳେ ପାଠ କିଏ, ସେ କିଏ! ସହରତଳି ଅଞ୍ଚଳକୁ ଆସିବା ପରେ ମୁଣ୍ଡଗୁଞ୍ଜିବା ସଙ୍ଗେସଙ୍ଗେ ଖରା, ବର୍ଷା ଓ ଶୀତରୁ ରକ୍ଷା ପାଇବା ପାଇଁ ନଇଁପଡୁଥିବା ଚାଳଛପର ଭିତରେ ସଂସାର ବସାଇଲେ। ଗଛ କୋରଡ଼ରେ ଚଢ଼େଇ ବସା କଲାଭଳି ସେ ଦୁହେଁ ରାତିରେ ଆଶ୍ରୟ ନେବା ଆଗରୁ ଲେଖାପଢ଼ା ସାଙ୍ଗକୁ ହିସାବ କିତାବ ପାଇଁ ନିଜକୁ ନିଜେ ପଢ଼ିବାକୁ ଲାଗିଲେ।

## ଗଳ୍ପ: ଅଶରୀର
## ଲେଖିକା: ମିନତୀ ଦାଶ

ରାତ୍ରି ବାରଟା - ବର୍ଷା ଟିକିଏ ଥମିଲାଣି। ଝରକା ଖୋଲି ବାଦଲ ଭରା ଘନନୀଳ ଆକାଶକୁ ଚାହିଁ ଦେଖିଲି ରାସ୍ତା ଘାଟ ସବୁ ଶୁନ୍‌ଶାନ୍, ଖାଲ ଢିପ ରାସ୍ତାଗୁଡ଼ିକ ବର୍ଷାପାଣିରେ ଭରପୂର। ଦେଖିବାକୁ ପାଇଲି ଗୋଟିଏ ଧଳା ବସ୍ତ୍ର ପରିଧାନ କରିଥିବା ସ୍ତ୍ରୀ ଲୋକର ଛାଇ, ଏତେ ରାତିରେ ପୁଣି ଜଣେ ସ୍ତ୍ରୀଲୋକ, ଆଖିକୁ ବିଶ୍ୱାସ କରିପାରିଲି ନାହିଁ, ବର୍ଷାକୁ ଖାତିର ନ କରି ଏକୁଟିଆ ଯିବାର ଉଦ୍ଦେଶ୍ୟ କ'ଣ?

## କବିତା

ଏଥର କବିତାରେ ରହିଛି: ପ୍ରମୀଳା ଶତପଥୀଙ୍କ 'ମୁକ୍ତ ବିହଙ୍ଗ', ଗୌରହରି ରାଉତ (ରୂପକଳ୍ପ)ଙ୍କ 'ସନେଟ୍' ଓ ହୁସେନ ରବିଗାନ୍ଧୀଙ୍କ 'ଜହ୍ନିଫୁଲର ହସ'।

## ଧାରାବାହିକ ଉପନ୍ୟାସ : ଜୀବନପାତ୍ର (ଷୋଡ଼ଶ ଭାଗ)
## ଲେଖକ : ରାମଚନ୍ଦ୍ର ବେହେରା

ଯେଉଁମାନେ ଦେଖୁଥିଲେ ବେବିର ଅସହଜ ଦେହକୁ, ସେମାନଙ୍କଠାରେ ନ ଥିଲା ବିଦ୍ରୂପ କିମ୍ୱା ଦୂଷିତ କୌତୁହଳ। ସତେ ଅବା ସେମାନେ ବେବିର ଏଇ ଅବସ୍ଥାକୁ ସମର୍ଥନ କରନ୍ତି ଏବଂ ଶୁଭ ମନାସୁଚନ୍ତି। ବୁଲୁ ଶିହରଣ ଅନୁଭବ କଲା ଏଇ ଅଭିଜ୍ଞତା ଯୋଗୁ। ତା'ର ଧାରଣା ନ ଥିଲା ଯେ ଏମିତି ଅନୁଚ୍ଚାରିତ ଶୁଭେଚ୍ଛା ଥାଏ ସମସ୍ତଙ୍କଠାରେ, ଗୋଟିଏ ବନ୍ଦାପନା ଭଳି।

## ଭ୍ରମଣ କାହାଣୀ : ମୋ ଝର୍କାରୁ ପୃଥିବୀ
## ଲେଖିକା: ସୁସ୍ମିତା ବାଗ୍‌ଚୀ

ବଡ଼ ରାଗ ହେଲା ନିଜ ଉପରେ। ଏତେ ମନ ଖରାପ କଲେ ଚଳେ? ସକାଳର ଜଳଖିଆ ଖାଇ ନେଇ ମୁଁ ଆଗ ବାସନତକ ଡ଼ିଶୱାଶର୍‌ରେ ପୂରେଇ ଦେଲି। ତା'ପରେ ଆଲମାରି ଭିତରୁ ଭ୍ୟାକୁମ୍ କ୍ଲିନର୍ ବାହାର କଲି। ଉପର ମହଲାର କାର୍ପେଟ୍ ସଫା କରି ଆଠଟା ପଞ୍ଚାବନ କି ଛପନ ବେଳେ ଶିଢ଼ି ଦେଇ ତଳକୁ ଓହ୍ଲାଉଛି, ହଠାତ୍ ଘର ଫୋନ୍ ବାଜିଲା। କଲର୍ ଆଇଡ଼ି ଦେଖି ଜାଣିଲି ଏ ଫୋନ୍ କରିଛି ମୋ ସାଙ୍ଗ ଶାନ୍ତି ମୁଖାର୍ଜୀ। ଟେକ୍‌ସାସ୍ ରାଜ୍ୟର ରାଜଧାନୀ ଅଷ୍ଟିନ୍‌ରୁ। ମୁଁ ଆଶ୍ଚର୍ଯ୍ୟ ହେଲି। ଏତେ ସକାଳୁ ସେ କେବେ ଫୋନ୍ କରେ ନାହିଁ। ଆମର ଏଠି ନଅଟା ହେଇନି ମାନେ ଅଷ୍ଟିନ୍‌ରେ ଆଠଟା ବି ବାଜିନି। ସ୍କୁଲ ଅଫିସ୍ ଯିବା ସମୟ ଏଇଟା। ହଠାତ୍ ଫୋନ୍ କାହିଁକି? ମୁଁ ଫୋନ୍ ଉଠେଇଲି। ଶାନ୍ତି 'ହ୍ୟାଲୋ, ହାଏ'ର ଔପଚାରିକତାକୁ ନ ଯାଇ କହିଲା - ତୁମେ ନିଶ୍ଚୟ ଖୁବ୍ ବିବ୍ରତ। ନାହିଁ?

## ପୁସ୍ତକ ପରିକ୍ରମା

ଏଥର ପୁସ୍ତକ ପରିକ୍ରମାରେ ରହିଛି : ଚରିତ୍ରମାନେ, ଶୂନ୍ୟ ପଞ୍ଜୁରିର ପକ୍ଷୀ ଓ ଅନ୍ୟାନ୍ୟ ଗଳ୍ପ, ହୃଦୟର ସ୍ୱର, ଭଗବଦ୍‌ଗୀତାରୁ ଶିଖନ୍ତ ଓ ଯୋଗାସନ ଏବଂ ସ୍ୱାସ୍ଥ୍ୟ।

## ମନୋରଞ୍ଜନ

ଏ ମାସର ମନୋରଞ୍ଜନ ପୃଷ୍ଠରେ ଅଛି : ବଜରଙ୍ଗୀ, କଥା ନୁହେଁ ଏ କଥା, ଇସ୍କ ୱାଲା ଲଭ୍, ସୁନାପିଲା ଟିକେ ସ୍କୁ ଢିଲା, ଟିକେ ଚିହ୍ନା ଟିକେ ଅଚିହ୍ନା ଓ ଶକ୍ତି।

## ଚଳନ୍ତିକା

ଏ ମାସର ଚଳନ୍ତିକା ପୃଷ୍ଠାରେ ଅଛି; ସ୍ମୃତିରେ ନୀଳିମାରାଣୀ..., ଓଡ଼ିଆ ଏସିଆନ୍ ଆଥ୍ଲେଟଙ୍କୁ କିଟ୍ ପକ୍ଷରୁ ସମ୍ବର୍ଦ୍ଧନା, ସାଫଲ୍ୟ ସାରଥି ଉତ୍ସବ, କ୍ରୀଡ଼ା ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ଓ ଇନରହ୍ୱିଲ୍ କ୍ଲବ ଏକାମ୍ରର ଅଧିଷ୍ଠାନ ଉତ୍ସବ।

## ରାଶିଫଳ ଓ ତିଥି-ବାର-ବେଳା

ଅଗଷ୍ଟ ମାସର ଭାଗ୍ୟଫଳ ସାଙ୍ଗକୁ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ଆମ ରୋଷେଇ

ଏ ମାସର ରୋଷେଇ ପୃଷ୍ଠାରେ ଅଛି : କଖାରୁ ଫୁଲ ଚପ୍, ପଣସ ମଞ୍ଜି ଭର୍ତ୍ତା, ମିଶାମିଶି ସୁପ୍, ଆଳୁ ପ୍ୟାନ୍‌କେକ୍, ଚୁଡ଼ା କଚୋଡ଼ି ଓ କଦଳୀ ପତ୍ରରେ କଟ୍‌ଲେଟ୍।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ସ୍ୱାସ୍ଥ୍ୟ ସୂଚନା: ସର୍ଦ୍ଦିକାଶ

ଏବେ ବର୍ଷାଋତୁ। ଏପରି ସମୟରେ ଶିଶୁ ଓ କିଶୋରମାନଙ୍କଠାରୁ ଆରମ୍ଭ କରି ବୟସ୍କମାନେ ସର୍ଦ୍ଦି ଓ କାଶ ରୋଗରେ ପୀଡ଼ିତ ହେବା ପ୍ରାୟତଃ ଦେଖାଯାଇଥାଏ। ଏହା ସାଧାରଣତଃ ଋତୁ ପରିବର୍ତ୍ତନକାଳୀନ ଏକ ଶାରୀରିକ ଅସୁସ୍ଥତା ବୋଲି ଧାରଣା ରହିଛି। ମାତ୍ର ସଦାବେଳେ ଏହା ଏହି କାରଣରୁ ହୋଇନଥାଏ କିମ୍ବା ସବୁ ପୀଡ଼ିତମାନଙ୍କ ସମସ୍ୟା ଏକାପ୍ରକାରର ମଧ୍ୟ ନୁହେଁ। ଯେହେତୁ ଏହି ପ୍ରକାରର ଅସୁସ୍ଥତା ବହୁଳାଂଶରେ ଦେଖାଯାଇଥାଏ, ତେଣୁ ଏସବୁର ଲକ୍ଷଣ ଓ ସତର୍କତା ସମ୍ପର୍କରେ କିଛି ସୂଚନା ନିମ୍ନରେ ଉପସ୍ଥାପନ କରାଯାଉଛି।

■■■